# Akashvani, Sambalpur

## SAMBALPURI NEWS BULLETIN

### 11 June 2025- 6.47- 6.52 am.

**********************************************

ସ୍ନାନଯାତ୍ରା          ଆର୍‌ଏନ୍‌ୟୁ /ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ପବିତ୍ର ସ୍ନାନଯାତ୍ରା ହେଉଛେ । ଶ୍ରୀମନ୍ଦିର୍ ପରିସର୍ ନ ଥିବା ସୁନା କୁଆଁନୁ ଶହେ ୮ କଲସ୍ ପାଏନ୍‌କେ ଅଭିମନ୍ତ୍ରିତ୍ ଆଉ ସୁବାଶିତ କରିକରି ମହାପ୍ରଭୁଙ୍କର୍ ଦିବ୍ୟ ସ୍ନାନ କରାଯିବା । ଇତାର୍‌ଉତ୍‌ରୁ ମହାପ୍ରଭୁଙ୍କର୍ ହାତୀ ବେଶ ହେବା । ଇଥିର୍‌ଲାଗି ଆଏଜ୍ ପହପହ ନୁ ମଙ୍ଗଳାର୍ପଣ କରାଯିବାର୍ ଉତ୍‌ରୁ ୫ ବଜେ ଶ୍ରୀଜୀଉମାନ୍‌କର୍ ପହଣ୍ଡି ମୁଲ୍ ହେଇଛେ । ଧାଡ଼ିପହଣ୍ଡିଥି ପହେଲା ପ୍ରଭୁ ବଳଭଦ୍ର ସ୍ନାନବେଦୀ ନ ବିଜେ କରିସାରିଥିବାର୍ ବେଲେ ଦେବୀ ସୁଭଦ୍ରାଙ୍କର୍ ପହଣ୍ଡି ମୁଲ୍ ହେଇଛେ । ସ୍ୱତନ୍ତ୍ର ନୀତିକାନ୍ତି ଉତ୍‌ରୁ ଆଏଜ୍ ଦିନର୍ ୧୨ ବାଜିକରି ୨୦ ମିନିଟ୍‌ନୁ ୧ ବାଜିକରି ୪୫ ମିନିଟ୍ ଭିତ୍‌ରେ ମହାପ୍ରଭୁଙ୍କର୍ ଦିବ୍ୟସ୍ନାନ ହେବା । ଉପର୍‌ବେଲା ସାଢ଼େ ୩ ବଜେ ଛେରାପହଁରା, ସାଢ଼େ ୪ ବଜେ ହାତୀ ବେଶ ଉତ୍‌ରୁ ସଞ୍ଜ୍‌ବେଲା ୭ ବଜେ ନୁ ରାତିର୍ ୧୦ ବଜେତକ୍ ସାହାଣ ମେଳା ଦର୍ଶନ୍ ବ୍ୟବସ୍ଥା

କର୍‌ବାର୍ ଲାଗି ନୀତିନୀର୍ଘଂଟ କରାଯାଇଛେ । ରାତି ସାଢ଼େ ୧୧ ବଜେନୁ ବାହୁଡ଼ା ପହଣ୍ଡି କରାଯିବା । ଇ ବାବ୍‌ଦେ ପୁରୀନୁ ପଣ୍ଡିତ୍ ଦୟାନିଧିଙ୍କର୍ ସୂଚ୍‌ନା....

(ଭଏସ୍ ଓଭର୍- ପଣ୍ଡିତ୍ ଦୟାନିଧି)

ଶ୍ରୀକ୍ଷେତ୍ର ପୁରୀ ନ ମହାପ୍ରଭୁଙ୍କର୍ ଇ ଦିବ୍ୟଦର୍ଶନ୍ ଲାଗି ଲାଖ୍ ଲାଖ୍ ଭକ୍ତଙ୍କର୍ ଭିଡ୍ ହେଇଥିବାର୍‌ନୁ ୭୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ସହେତେ ୪ ଝନ୍ ଆରକ୍ଷୀ ଅଧୀକ୍ଷକ୍ ଆର୍ ୪ ଶହ ୫୦ ପୁଲିସ୍ ଅଧୀକାରୀ ନିୟୋଜିତ ହେଇଛନ୍ । ଶ୍ରୀମନ୍ଦିର୍ ଭିତ୍‌ରେ ୩୪ ପ୍ଲାଟୁନ୍ ଆଉ ବାହାରେ ୨୪ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ ରହିଥିବାର୍  ପୁରୀ ଆରକ୍ଷୀ ଅଧିକ୍ଷକ ବିନିତ୍ ଅଗ୍ରୱାଲ୍ ସୂଚ୍‌ନା ଦେଇଛନ୍ ।

ରାଜ୍ୟପାଲ୍-ମହିଳା, ଶିଶୁ ପ୍ରତିଷ୍ଠାନ୍ I&PR

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଗଲାକାଏଲ୍ ରାଜ୍ୟ ମହିଳା ଆଉ ଶିଶୁ ପ୍ରତିଷ୍ଠାନ୍ ପରିଦର୍ଶନ୍ କରିକରି ମହିଳା ଆଉ କିଶୋରୀମାନ୍‌କର୍ ରକ୍ତହିନତା ଆଉ ଛୁଆମାନ୍‌କର୍ ଦୃଷ୍ଟି ସମସ୍ୟା ନିରାକରଣ୍ ଉପ୍‌ରେ ଜୋର୍ ଦେଇଛନ୍ । ଇ ସମସ୍ୟା ଚିନ୍ତାଜନକ୍ ଆଏ ବଲି ରାଜ୍ୟପାଲ୍ କହେବାର୍ ସହେତେ ଇତାର୍ ନିରାକରଣ୍ ଉପ୍‌ରେ ଆଲୋଚନା କରିଛନ୍ । ସେନ୍ତା ଛାତ୍ରଛାତ୍ରୀଙ୍କର୍ ଆଖିର୍ ସମସ୍ୟା

ଚିହ୍ନବାର୍ ଲାଗି ଫି’ ସ୍କୁଲ୍‌ନୁ କମ୍‌ସେକମ୍ ୫ନେ ଲେଖା ଶିକ୍ଷକ୍‌ଙ୍କୁ ମୌଳିକ ତାଲିମ୍ ଦେବାର୍‌କେ ରାଜ୍ୟପାଲ୍ ଜୋର୍ ଦେଇଛନ୍ ।

ରାଜ୍ୟସ୍ତରୀୟ ବିକାଶ୍ ମେଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ୧୧ ବଛର୍ ପୂର୍ତି ଅବ୍‌ସରେ ଭୁବ୍‌ନେଶ୍ୱର୍ ଇଡ଼୍‌କୋ ପ୍ରଦର୍ଶନୀ ପଡ଼ିଆ ଠାନେ ଆଏଜ୍‌ଠାନୁ ରାଜ୍ୟ ହସ୍ତତନ୍ତ, ବୟନଶିଳ୍ପ ବିଭାଗ୍ ତର୍‌ଫୁ ରାଜ୍ୟସ୍ତରୀୟ ବିକାଶ୍ ମେଳା -୨୦୨୫ କାର୍ଯ୍ୟକ୍ରମ୍ ମୁଲ୍ ହେବା । ଜୁନ୍ ୧୮ ତାରିଖ୍‌ତକ୍ ହେବାର୍‌କେ ଥିବା ଇ କାର୍ଯ୍ୟକ୍ରମ୍ ଆଏଜ୍ ଉପର୍‌ବେଲା ମୁଲ୍ ହେବା । କାର୍ଯ୍ୟକ୍ରମ୍‌ଥି ଭିନ୍ ଭିନ୍ ବିଭାଗ୍‌ର ସଫଲତାକେ ପ୍ରଦର୍ଶନ୍ କରାଯିବାର୍ ସହେତେ ଦରବ୍ ମାନ୍‌କର୍ ଘିନାବିକା, ଓଡ଼ିଆ ଖାଏବାର୍ ଦରବ୍‌ର ପ୍ରଦର୍ଶନ୍ ଆଉ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ହେବା ।

ନୂଆଁ ଟ୍ରେନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଖୋର୍ଦ୍ଧା - ବଲାଙ୍ଗିର୍ ରେଲ୍ ପ୍ରକଳ୍ପର୍ ପୁରୁଣାକଟକ୍ ଷ୍ଟେସନ୍‌କେ ଖୋବ୍ ଜଲ୍‌ଦି ୩ ଟା ନୂଆଁ ଟ୍ରେନ୍ ଚଲାଚଲ୍ କର୍‌ବା । ସେଥିର୍‌ଭିତ୍‌ରୁ ଗୁଟେ ଏକ୍ସପ୍ରେସ୍ ଟ୍ରେନ୍ ଆର୍ ୨ ଟା ପେସେଞ୍ଜର୍ ଟ୍ରେନ୍ ରହେବା ବଲି

ଗଲାକାଏଲ୍ ଖୋର୍ଦ୍ଧା -ବଲାଙ୍ଗିର୍ ରେଲ୍ ପ୍ରକଳ୍ପର୍ ସୁବର୍ଣ୍ଣପୁର୍-ପୁରୁଣାକଟକ୍ ରେଲ୍‌ସେକ୍ସନ୍‌ର ନିର୍ମାଣ୍ କାମ୍‌କେ ପୂର୍ବତଟ ରେଲ୍‌ବାଇ ମହାପ୍ରବନ୍ଧକ୍ ପରମେଶ୍ୱର୍ ଫୁଙ୍କଓ୍ୱାଲ୍ ନିରୀକ୍ଷଣ୍ କରିକରି କହିଛନ୍ । ଇତାର୍‌ସହେତେ ଧାରିଜ୍ ସମିଆ ଭିତ୍‌ରେ ପ୍ରକଳ୍ପ କାମ୍ ସାର୍‌ବାର୍‌କେ ଶ୍ରୀ ଫୁଙ୍କ୍‌ଓ୍ୱାଲ୍ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପାର୍ଟ ପ୍ଲଟ୍ ବିକ୍ରି ନିୟମ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ - ଯୋଜନା ଆଉ କୋଠାବାଡ଼ି ମାନକ୍ ଆଇନ୍ -୨୦୨୫କେ ନେଇକରି ଗଲାକାଏଲ୍ ବିଜ୍ଞପ୍ତି ଜାରି କରିଛନ୍ । ନୂଆଁ ନିୟମ୍ ଅନ୍‌ସାରେ ବିନା ଅନୁମୋଦନ୍‌ଥି ୫ ଶହ ବର୍ଗମିଟର୍‌ତକ୍ ଜମିକେ ଥରେ ବିକ୍ରି କରି ହେବା । ଜମିର୍ ଏକାଧିକ୍ ମାଲିକ୍ ଥିଲେ ଭିଲ୍ କିଛି ସମସ୍ୟା ନାଇଁ ହୁଏ । ମାତରକ ଜମି କେନ୍‌ସି ରିଏଲ୍ ଇଷ୍ଟେଟ୍ ବେପାର୍‌ଥି ବେଭାର୍ ନାଇଁ କରାଯାଇପାରେ ବଲି ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ବିକାଶ୍ ବାହାନ୍ ଯାତ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

୭୦ ବଛର୍ ବୟସର୍ ଲୁକ୍‌କୁ ଆୟୁସ୍ମାନ୍ ବୟୋବନ୍ଦନ୍ ଯୋଜ୍‌ନାଥି ପଞ୍ଜିକରଣ୍ କର୍‌ବାର୍ ଲାଗି ଇ ମାସର୍ ୧୨ ତାରିଖ୍‌ନୁ ରାଏଜେ ବିକାଶ୍ ବାହାନ୍ ଯାତ୍ରାର୍ ଶୁଭାରମ୍ଭ ହେବା । ବରିଷ୍ଠ ନାଗରିକମାନେ କେନ୍ତାକରି ସହଜ୍ ଉପେଥି ନିଜର୍ ନାଁ ପଞ୍ଜିକରଣ୍ କରିପାର୍‌ବେ ସେଦିଗେ ଆବଶ୍ୟକ୍ ପଦକ୍ଷେପ୍ ନେବାର୍‌କେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନ୍‌କୁ ଚିଠି ଲେଖାଯାଇଛେ । ଇ ବାବ୍‌ଦେ ବରିଷ୍ଠ ନାଗରିକ୍‌ମାନ୍‌କୁ ସୂଚ୍‌ନା ଦେବାର୍ ଲାଗି ଗ୍ରାମ୍ ପଂଚାୟତ୍, ମ୍ୟୁନିସିପାଲ୍‌ଟି ଆଉ ଏନ୍‌ଏସି ସ୍ତରଥି ଆବଶ୍ୟକ୍ ଯୋଜ୍‌ନା ତିଆର୍ କର୍‌ବାର୍‌କେ ଚିଠିଥି ନିର୍ଦ୍ଦେଶ୍ ଦିଆଯାଇଛେ ।

ଭିଜନ୍ ଓଡ଼ିଶା ପ୍ରତିଯୋଗିତା                ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଯୋଗୀନ୍ଦ୍ର ଦେବ ଉଚ୍ଚବିଦ୍ୟାଳୟ ଠାନେ ଭିଜନ୍ ଓଡ଼ିଶା ୨୦୩୬ ଆଉ ବିକଶିତ୍ ଭାରତ୍ ୨୦୪୭ ବିଷୟଥି ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ହେଇଯାଇଛେ । ଜିଲ୍ଲାର୍ ଭିନ୍ ଭିନ୍ ହାଇସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଇଥି ଭାଗ୍ ନେଇଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ୍ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିକରି ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ୍ ମାଏନ୍‌ତା ପାଏବାର୍ ଶହେ ବଛର୍ ପୂର୍ତି ଉଧେ 'ଆମେ ଦେଖୁଥିବା ସପନ୍' ବାବ୍‌ଦେ ବୁଝେଇଥିଲେ ।

ପାଣିପାଗ                ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପୂର୍ବ ଆଉ ତାର୍ ପାଖର୍ ପୂର୍ବ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍  ନ ବନିଥିବା ଘୂର୍ଣ୍ଣିବଳୟ ଆଗ୍‌କେ ଲଘୁଚାପ୍‌ଥି ବଦ୍‌ଲିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗାନ  ଘଡ଼୍‌ଘଡ଼ି ସହେତେ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ ।